# ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

ସଂଖ୍ୟା **RDM-LAC-SUN-0002-2023-** ୪୨୪ /R&DM,ତା- 08 JAN 2024

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ ସୁନ୍ଦରଗଡ ଜିଲ୍ଲାର ୦୧ ଗୋଟି ତହସିଲର ୦୧ ଟି ପଞ୍ଚାୟତର ୦୧ ଗୋଟି ଗ୍ରାମର ର ୦.୫୨ ଏକର ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବୀରମିତ୍ରପୁରର ମିଟକୁନ୍ଦ୍ରୀ ରୁ ସିମେର୍ତା ରାସ୍ତାରେ ଦେଓ ନଦୀ ଉପରେ ବିଜୁ ସେତୁ ଯୋଜନା ଅଧିନରେ ଉଚ୍ଚ କ୍ଷମତା ସମ୍ପନ୍ନ ପୋଲ ର ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରି (ଗ୍ରାମ୍ୟ ଓ ଉନ୍ନୟନ ବିଭାଗ), ରାଉରକେଲା ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚୀତ 'କ' ତଫସିଲ ଜମି ନିମନ୍ତେ, ସୁନ୍ଦରଗଡ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ତର୍ଜମାକରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ବୀରମିତ୍ରପୁରର ମିଟକୁନ୍ଦ୍ରୀ ରୁ ସିମେର୍ତା ରାସ୍ତାରେ ଦେଓ ନଦୀ ଉପରେ ବିଜୁ ସେତୁ ଯୋଜନା ଅଧିନରେ ଉଚ୍ଚ କ୍ଷମତା ସମ୍ପନ୍ନ ପୋଲ ର ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉ ଥିବା ୦୧ ଟି ଗ୍ରାମରେ ଏକର ୦.୫୨ ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

*୨. ଏହି ପ୍ରକଳ୍ପ* ପାଇଁ ୦୧ ଟି ଗ୍ରାମ ରେ ଏକର ୦.୫୨ ଡି. ଜାଗା ଅଧିଗୃହିତ ହେବ ଏବଂ ଜିଲ୍ଲାପାଳ, ସୁନ୍ଦରଗଡ ଙ୍କ ପ୍ରଦତ୍ତ ବିବରଣୀ (ରିପୋର୍ଟ) ଅନୁଯାୟୀ ମୋଟ ୦୮ ଟି ପରିବାର କ୍ଷ୍ୟତିଗ୍ରସ୍ତ ହେଉଛନ୍ତି ।

୩. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷ୍ୟତିପୂରଣ କରାଯିବ ।

୪. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆ ଯାଇଛି ଏବଂ ଏହା ଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ।

୫. ପୂର୍ବରୁ ଏହି ଗ୍ରାମ ରେ ଅଧିଗୃହିତ ହୋଇ ଥିବା ବଳକା ଜମି ନାହିଁ। ଏହି ପ୍ରସସ୍ତିକରଣ ରାସ୍ତା ଦ୍ୱାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୬. ପ୍ରଭାବିତ ଗ୍ରାମରେ ଜନ ଶୁଣାଣି ମଧ କରାଯାଇ ଅଛି। ଜିଲ୍ଲାପାଳ ସୁନ୍ଦରଗଡଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ 2099/22.12.2023 ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ ନିର୍ବାହୀ ଯନ୍ତ୍ରି (ଗ୍ରାମ୍ୟ ଓ ଉନ୍ନୟନ ବିଭାଗ), ରାଉରକେଲା କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

**କ୍ରମଶଃ**

ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୁପଭାବରେ ଉପସ୍ଥାପିତ କରାଗଲା। ଏହାପରେ ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧ ର ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ।

## ଟଫସିଲ- କ

(ପ୍ରସ୍ତାବିତଭୂମିଅଧିଗ୍ରହଣଅନୁସୂଚୀ)

ଜିଲ୍ଲା: - ସୁନ୍ଦରଗଡ                                        ତହସିଲ: - ବିରମିତ୍ରପୁର

| ଗ୍ରାମରନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମି ର ରକବା (ଏକର ରେ ) | ରୟତ ଙ୍କନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭. | ୮ |
| ଲହଣ୍ଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୫୨ | ଏଥି ସହିତ ସଂଲଗ୍ନ |

ସର୍ବମୋଟ ଜାଗା ଏକର ୦.୫୨ ଡି.

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଦିଗନ୍ତ ରାଉତରାୟ
ଅତିରିକ୍ତ ଶାସନ ସଚିବ

Memo No. 899 dtd. 08 JAN 2024

Copy forwarded to the Director, Printing Stationary & Publication, Odisha, Cuttack for information and necessary. He is requested to publish the Declaration in the next issue of the Odisha Gazette as this is a statutory one.

SRO Number may be allotted to this publication.

8/1/24

Under Secretary to Govt.

Memo No. 900 dtd. 08 JAN 2024

Copy forwarded to Rural Development Department for information and necessary action.

8/1/24

Under Secretary to Govt.

Memo No. 901 dtd. 08 JAN 2024

Copy forwarded to RDC (ND), Sambalpur/ Collector, Sundargarh/ L.A.O., Sundargarh for information and necessary action.

8/1/24

Under Secretary to Govt.

Memo No. 902 dtd.

Copy forwarded to the Coordinator, State SIA Unit, Nabakrushna Choudhury Centre for Development Studies, Bhubaneswar-751013 (email ID- sia.ncds@gov.in/ ncdsbbsr1987@gmail.com) for information and necessary action.

8/1/24

Under Secretary to Govt.

Memo No. 903 dtd. 08 JAN 2024

Copy forwarded to the e-Governance Cell, R & DM Department with a request to upload the SIA Declaration in this Department website for information of General Public.

8/1/24

Under Secretary to Govt.

# ଖତିୟାନ କପି

ମୌଜା- ଲହଣ୍ଡା ତହସିଲ- ବିରମିତ୍ରପୁର ଜିଲ୍ଲା-ସୁନ୍ଦରଗଡ

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରର) | ଅର୍ଜନ ରକବା (ଏକରର) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୩୦ | ୫୮ | ଗୋଡା-୨ | ୧.୬୧ | ୦.୫୨ | ଭାଦୁ ଓରାମ, ଚଇତନ ଓରାମ, ଲାଖଇ ଓରାମ ପି- ଏତୁଆ ଓରାମ ଜାତି: ଓରାମ, ବା-ନିଜଗାଁ ଓରାମ ପଡା |
| ମୋଟ ରକବା | | | | | ୦.୫୨ | |

ରାଜସ୍ୱ ନିରୀକ୍ଷକ
ଭୂ ଅର୍ଜନ ଉପବିଭାଗ
ସୁନ୍ଦରଗଡ

ଭୂ-ଅର୍ଜନ ଅଧିକାରୀ
ଭୂ-ଅର୍ଜନ ଉପବିଭାଗ
ସୁନ୍ଦରଗଡ